# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

e-mail : dkl.dipro@gmail.com
Tel. No. - (06762) 224414


ପତ୍ର ସଂଖ୍ୟା ----୬୦୦----/ସୂ.ଲୋ.ସଂ ତା. ୨୨/୦୮/୨୦୨୦-----

## ବିରୂପା ଉପରେ ସେତୁ ଉଦ୍‌ଘାଟିତ, ବହୁଦିନର ଆଶା ପୂରଣ
## ମୁଖ୍ୟମନ୍ତ୍ରୀଙ୍କୁ ଜଗତସିଂହପୁର-ବାସୀଙ୍କ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ ।

ଢେଙ୍କାନାଳ, ତା-୨୨/୦୮/୨୦୨୦- ସଡ଼କ, ସ୍ୱାସ୍ଥ୍ୟ, କୃଷି ଓ ଶିକ୍ଷାର ଭିତ୍ତିଭୂମି ବିକାଶ ନିମନ୍ତେ ବିଶେଷ ଗୁରୁତ୍ୱ ଦିଆଯାଉଛି । ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ରାଜ୍ୟର ସାମଗ୍ରିକ ବିକାଶ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି । ସେହିପରି ଜଗତସିଂହପୁର ଜିଲ୍ଲାର ବିରୂପା ନଦୀ ଉପରେ ନିର୍ମିତ ସମ୍ପୁଟଖାଲ-ବାଡ଼ିପୁର ଠାରେ ସେତୁକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରି ଲୋକାର୍ପିତ କରିଛନ୍ତି । ଏହି ଅବସରରେ ଜଗତସିଂହପୁର ଜିଲ୍ଲାର ମୁଖ୍ୟ ଭିଡିଓ କନଫରେନ୍ସରୁ ୧୦୦ ଗ୍ରାମପଞ୍ଚାୟତ, ମାଠ ଓ ଅନ୍ୟ ସ୍ଥାନ ଭିଡିଓକନ୍ଫରେନ୍ସ ଏବଂ ୧୦ ଲକ୍ଷ ଲୋକଙ୍କ ଆଉଟ୍‌ ରିଚ୍‌ ଆଇ.ଇ.ସି.ର ମଧ୍ୟ ଦେଇ ପ୍ରଭୁତ ଜ୍ଞାପନ କରିଛନ୍ତି । ଏହି ବିରୂପା ଉପରେ ସେତୁ ନିର୍ମାଣ ଫଳରେ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ମଧ୍ୟରେ ଦୂରତା କମିବ ଏବଂ ଯୋଗାଯୋଗର ସୁବିଧା ସୃଷ୍ଟି ହେବ, । ଜଗତସିଂହପୁର ଅଞ୍ଚଳ ବାସୀଙ୍କର ଦୀର୍ଘଦିନର ଆଶା ପୂରଣ ହୋଇଥିବାରୁ, ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି ।

୬୨୦୧.୩୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୧୧୮୭.୮୮ ମିଟର ଲମ୍ବ, ଦୀର୍ଘ ସେତୁ ନିର୍ମାଣ ହୋଇ କଟକ-ପାରାଦୀପ ଜାତୀୟ ରାଜପଥ ୫୩ ସହିତ ଜାତୀୟ ରାଜପଥକୁ ସଂଯୋଗ ସମ୍ଭବ ହୋଇଛି । ଏଥି ସହିତ ରାଜ୍ୟ ରାଜପଥ-୬୦ ଏବଂ ଜାତୀୟ ରାଜପଥ ୧୬ ମାଧ୍ୟମରେ ଏହି ସେତୁ ଜଗତସିଂହପୁର ଜିଲ୍ଲାକୁ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସହିତ ସିଧା ସଳଖ ସଂଯୋଗ କରୁଛି । ମୁଖ୍ୟମନ୍ତ୍ରୀ ଏହି ସେତୁ ନିର୍ମାଣ ନିମନ୍ତେ ୨୦୧୬ ମସିହା ଫେବୃଆରୀ ୧୬ରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଏବଂ ୨୦୧୭ ମସିହା ସେପ୍ଟେମ୍ବରରୁ କାର୍ଯ୍ୟ ଆରମ୍ଭ ହୋଇ ମାତ୍ର ୩ ବର୍ଷ ମଧ୍ୟରେ ସେତୁ ନିର୍ମାଣ ଶେଷ ହୋଇଛି । ଏହା ସହିତ ଯୋଗାଯୋଗ କ୍ଷେତ୍ରରେ ଯୁଗାନ୍ତକାରୀ ହେବ ବୋଲି ଆଶା କରି ସେତୁର ଉଦ୍‌ଘାଟନୀ ଉତ୍ସବରେ ପୂର୍ତ୍ତ, ଗୃହ ଓ ଉତ୍ପାଦ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଛନ୍ତି । ସେହିପରି ଅବସରରେ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଓ ସ୍ଥାନ ଭିଡିଓ କନଫରେନ୍ସ ଜରିଆରେ ଉପସ୍ଥିତ ରହି ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଉଦ୍‌ବୋଧନ ଦେଇଥିଲେ ।

—x—

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ
ଢେଙ୍କାନାଳ

ତା. ୨୨/୮/୨୦୨୦

ଏହାର ନକଲ ସମ୍ପାଦକମାନଙ୍କ ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପଠାଗଲା ।